ପ୍ରେସ୍ ନୋଟ

# କୋଭିଡ-୧୯ର ନିୟନ୍ତ୍ରଣ ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାର ଅନୁପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ବିଜ୍ଞପ୍ତି ଜାରି କରିଛି ।

ଅନୁଗୋଳ, ତା.୦୪.୦୫:- କରୋନା ଭୁତାଣୁ ସଂକ୍ରମଣ ଦିନକୁ ଦିନ ବ୍ୟାପୁଥିବାରୁ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ରାଜ୍ୟ ସରକାରଂକ ସ୍ୱତନ୍ତ୍ର ରିଲିଫ କମିଶନରଂକ ଦ୍ୱାରା ତା.୩୦.୦୪.୨୦୨୧ ରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାର ଅନୁପାଳନକୁ ନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଚଳିତ ମାସ ୨ ତାରିଖରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି । କରୋନା ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଟେଷ୍ଟିଂ, ଟ୍ରାକିଂ ଓ କଣ୍ଟେନମେଣ୍ଟ କାର୍ଯ୍ୟକୁ ଜୋରଦାର କରାଯିବା ସହ ସ୍ଥାନୀୟ ପ୍ରାଧିକାରୀ ଯଥା- ସମସ୍ତ ଉପଜିଲ୍ଲାପାଳ,ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର ଓ ସମସ୍ତ ନିର୍ବାହୀ ଅଧିକାରୀ ସତର୍କତାର ସହିତ ପଜିଟିଭ କେଶ୍, ହସପିଟାଲର ଭିତ୍ତିଭୂମୀ ଓ ସ୍ଥାନୀୟ ସ୍ଥିତିକୁ ଅନୁଧ୍ୟାନ କରିବେ । ଜିଲ୍ଲା ବ୍ୟାପି ଚଳିତ ମାସ ୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଲକଡାଉନ୍ ଘୋଷଣା କରାଗଲା । ଏହାଛଡା ସପ୍ତାହନ୍ତ ସଟଡାଉନ୍ ପ୍ରତି ଶୁକ୍ରବାର ସଂନ୍ଧ୍ୟା ୬ ଘଟିକାରୁ ସୋମବାର ସକାଳ ୫ ଘଟିକା ପର୍ଯ୍ୟନ୍ତ ବଳବତ୍ତର ରହିବ । ଲୋକମାନଂକର ଯାତାୟତକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଏହି ସଟ୍‌ଡାଉନ୍ କରାଯାଉଛି । ଲକ୍‌ଡାଉନ୍ ସମୟରେ ମାଲ ଓ ମାଲ ପରିବହନ ଗାଡି ଚାଲିପାରିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଟୀକାକରଣ ଚାଲୁ ରହିବ । କୋଭିଡ ପରିକ୍ଷା ନିମନ୍ତେ ଇଛୁକ ବ୍ୟକ୍ତି ସରକାରଂକ ଦ୍ୱାରା ସ୍ଥିରିକୃତ ପ୍ରାଇଭେଟ କୋଭିଡ ଟୀକାକରଣ କେନ୍ଦ୍ରକୁ ନିର୍ଦ୍ଦେଶନାମା ଅନୁଯାୟୀ ଯାଇପାରିବେ । ଲକଡାଉନ୍ ସମୟରେ ବିଭିନ୍ନ କାର୍ଯ୍ୟ ଉପରେ କଟକଣା କରାଯାଇଛି । ବସ୍ ଚଳାଚଳ ଚଳିତ ମାସ ୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ଜିଲ୍ଲା ମଧ୍ୟରେ ମେଡିକାଲ କାର୍ଯ୍ୟ କିମ୍ବା ନିର୍ଦ୍ଦେଶନାମା ଅନୁଯାୟୀ ରାସ୍ତାରେ ଲୋକମାନେ ଯାତାୟତ କରିପାରିବେ । ସମସ୍ତ ସ୍କୁଲ,କଲେଜ,ଅଂଗନୱାଡି ପ୍ରଶିକ୍ଷଣ ଓ କୋଚିଂ ସେଣ୍ଟର ବନ୍ଦ ରହିବ କିନ୍ତୁ ପରିକ୍ଷା ପରିଚାଳନା,ଖାତା ଦେଖା ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ଚାଲୁ ରହିବ । ପ୍ରଦର୍ଶନୀ ଓ ବ୍ୟବସାୟିକ ମେଳା,ବ୍ୟବସାୟିକ ସଭା କରାଯାଇପାରିବ ନାହିଁ । କିନ୍ତୁ ଏହି କାର୍ଯ୍ୟକ୍ରମଗୁଡିକ ଭର୍ଚ୍ଚୁଆଲ ମୁଡରେ ହୋଇପାରିବ । ସମସ୍ତ ସିନେମାହଲ,ସ୍ୱିଇମିଂ ପୁଲ,ଆମୋଦ ପ୍ରମୋଦ ପାର୍କ, ଜିମ୍, ଅଡିଟୋରିଅମ, ମୀନାବଜାର, ଥିଏଟର,ପ୍ରେକ୍ଷାଳୟ ଓ ଜନସମାଗମ ପ୍ରକୋଷ୍ଠ ବନ୍ଦ ରହିବ । ଯାତ୍ରା,ଅପେରା ଓ ଖୋଲାମଂଚ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି । ସମସ୍ତ ସେଲୁନ୍,ସ୍ପା ଓ ବିଉଟି ପାର୍ଲର ଇତ୍ୟାଦି ବନ୍ଦ ରହିବ । ଜନସମାଗମ ହେଉଥିବା ସମସ୍ତ ସାମାଜିକ,ରାଜନୈତିକ,କ୍ରୀଡା ଓ ଆମୋଦ ପ୍ରମୋଦ,ଶିକ୍ଷାନୁଷ୍ଠାନ,ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ବନ୍ଦ ରହିବ । ସମସ୍ତ ଧାର୍ମିକ ସ୍ଥାନ,ପୂଜା ପିଠ ଜନସାଧାରଣଂକ ଲାଗି ବନ୍ଦ ରହିବ । ନିୟମାବଳୀ ଅନୁଯାୟୀ ବିବାହ କାର୍ଯ୍ୟରେ ସର୍ବାଧିକ ୫୦ ଜଣ ଓ ଅନ୍ତ୍ୟେଷ୍ଟି କ୍ରିୟାରେ ୨୦ ଜଣଂକୁ ନେଇ ସାମାଜିକ ଦୂରତା ବଜାୟ ରଖି କାର୍ଯ୍ୟବିଧି ସମ୍ପନ୍ନ କରାଯିବ । ଲକଡାଉନ୍ ସମୟରେ ସରକାରୀ ଓ ବେସରକାରୀ ସେକ୍ଟରରେ ନିର୍ମାଣ କାର୍ଯ୍ୟ ଚାଲୁ ରହିବ । ସମସ୍ତ ଶିଳ୍ପ ୟୁନିଟ୍, କର୍ପୋରେଟ୍ ଅଫିସ୍ ୩୦ ଶତକଡା କର୍ମଚାରୀଂକୁ ନେଇ ଚାଲିବ ।

ଗ୍ରାମପଞ୍ଚାୟତ ଗୁଡିକ କୋଭିଡ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ପଞ୍ଚାୟତରେ ରହୁଥିବା ଲୋକମାନଂକ ମଧ୍ୟରେ କୋଭିଡକୁ ନେଇ ସଚେତନତା ସୃଷ୍ଟି କରାଯିବ । ଏହାଛଡା ଗ୍ରାମପଞ୍ଚାୟତ ହୋମ ଆସୋଲେସନ୍‌ରେ ଥିବା ଆକ୍ରାନ୍ତମାନଂକର ସ୍ୱାସ୍ଥ୍ୟକୁ ତଦାରଖ କରିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ପି ଏଚ୍ ସି, ସି ଏ ଚ୍ ସି ଓ ପୋଲିସ ଷ୍ଟେସନକୁ ଏହି ସ୍ଥିତି ସମ୍ପର୍କରେ ଅବଗତ କରିପାରିବ । ବ୍ୟବସାୟିକ ପ୍ରତିଷ୍ଠାନ ସମେତ ଅନ୍ୟାନ୍ୟ ସମସ୍ତ ଅନୁମୋଦିତ କାର୍ଯ୍ୟକ୍ରମମାନଂକରେ ସାମାଜିକ ଦୂରତା ଅବଲମ୍ବନ ( ୬ ଫୁଟ) ଦୂରତା ଓ ସର୍ବସାଧାରଣ ସ୍ଥାନରେ ମଦ୍ୟପାନକୁ ବନ୍ଦ କରାଯାଇଛି । ପାନ,ଗୁଟଖା, ଟବାକୋ ଇତ୍ୟାଦି ସ୍ୱାସ୍ଥ୍ୟ ହାନିକାରୀ ସାମଗ୍ରୀ ଉପରେ କଟକଣା କରାଯାଇଛି । ୬୫ବର୍ଷରୁ ଉର୍ଦ୍ଧ, ବହୁବିଧ ରୋଗରେ ପିଡିତ, ଗର୍ଭବତୀ ମହିଳା ଓ ୧୦ ବର୍ଷରୁ କମ୍ ଶିଶୁ ବାହାରେ ଚଳ ପ୍ରଚଳ କରିବାକୁ ବାରଣ କରାଯାଇଛି ।

ସମସ୍ତ କୃଷି ଓ ଉଦ୍ୟାନ କୃଷି କାର୍ଯ୍ୟକ୍ରମ ପୂର୍ବଭଳି ଚାଲୁ ରହିବ । ଲକଡାଉନ୍ ସମୟରେ ନିମ୍ନ କାର୍ଯ୍ୟକ୍ରମ ଚାଲୁ ରହିବ । ସମସ୍ତ ପ୍ରକାରର ସ୍ୱାସ୍ଥ୍ୟ(ଆୟୁଷ) କାର୍ଯ୍ୟକ୍ରମ ଚାଲୁ ରହିବ । ବ୍ୟାଂକ ଓ ଏ ଟି ଏମ୍ ସେବା ଚାଲୁ ରହିବ । ବ୍ୟାଂକ ଗୁଡିକ ସରକାରଂକ ନିୟମାବଳୀ ଅନୁଯାୟୀ କାର୍ଯ୍ୟ ସିମୀତ କର୍ମଚାରୀଂକୁ ନେଇ ଚାଲିବ । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଦୋକାନ ଯଥା- ରାସନ ଦୋକାନ,ରାସ୍ତା ପାର୍ଶ୍ୱ ଦୋକାନରେ ଖାଦ୍ୟ,ତେଜରାତି ଜିନିଷ ଓ ଅଣ୍ଡା,ଖିର ବିକ୍ରିକୁ ସପ୍ତାହର ସୋମବାରରୁ ଶୁକ୍ରବାର (୬ ଘଟିକାରୁ ୧୨ ଘଟିକା) ପର୍ଯ୍ୟନ୍ତ ଚାଲୁ ରହିବ । ରେଷ୍ଟୁରାଣ୍ଟ ଓ ଢାବାଗୁଡିକ କେବଳ ହୋମ ଡେଲିଭରି ଦେଇପାରିବେ । ସମସ୍ତ ଔଷଧ ଦୋକାନ, କ୍ଲିନିକ୍, ନର୍ସିଂହୋମ ସହ ଆମ୍ବୁଲାନସ ସେବା ଚାଲୁ ରହିବ । ଜିଲ୍ଲା ପ୍ରଶାସନ , ପୌରପରିଷଦ ପ୍ରଶାସନ, ପୋଲିସ ଓ ଅଗ୍ନିସେବା କାର୍ଯ୍ୟ ଚାଲୁରହିବ । ଜରୁରୀ ସେବାରେ ନିୟୋଜିତ କେନ୍ଦ୍ର ଓ ରାଜ୍ୟ ସରକାରଂକ କର୍ମଚାରୀ, ଟେଲିକମ୍ ସେବା, ପ୍ରିଣ୍ଟ ଓ ଇଲୋକ୍ଟ୍ରୋନିକ୍ସ ମେଡିଆ, ଜଳ ଯୋଗାଣ ଓ ପରିମଳ ଓ ସ୍ୱରେଜ କର୍ମୀ ,ବିଦ୍ୟୁତ୍ ଯୋଗାଣ ଓ ବଣ୍ଟନ, ହୋଟେଲ ଓ ସେଠାରେ କାର୍ଯ୍ୟରତ କର୍ମଚାରୀ, ରେଳ ଯାତାୟତ,ରାଜପଥରେ ସଡକ ପରିବହନ,ରେଳ ଷ୍ଟେସନ,ହସପିଟାଲ ଓ ବସଷ୍ଟାଣ୍ଡକୁ ସରକାରୀ ଓ ବେସରକାରୀ ଗାଡି ଯାତାୟତ ଓ ପେଟ୍ରୋଲ ପମ୍ପ ଭଳି ଅତ୍ୟାବଶ୍ୟକ କ୍ରିୟାକଳାପ ଚାଲୁରହିବ ।

ଉପରୋକ୍ତ ନିୟମାବଳୀ ଓ ଜାତୀୟ ନିର୍ଦ୍ଦେଶନାମାର ଉଲ୍ଲଘନ ହେଲେ ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୫ ଧାରା ୫୧ ରୁ ୬୦ ସଂକ୍ରାମକ ରୋଗ ଆଇନ୍ ୧୮୯୭ ଓ ଭାରତୀୟ ପିଙ୍ଗଲ କୋର୍ଡ ଧାରା ୧୮୮ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲାରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ଆନୁସଂଗୀକ କାର୍ଯ୍ୟକ୍ରମ ସହ କୋଭିଡ ନିୟମାବଳୀକୁ କଡା କଡି ଭାବେ ପାଳନ କରାଯାଉଛି । ଜନସାଧାରଣ ଆତଂକିତ ନ ହୋଇ ମାସ୍କ ପିନ୍ଧିବା ଓ ସାନିଟାଇଜର ବ୍ୟବହାର କରିବା ସହ ସାମିଜିକ ଦୂରତା ଅବଲମ୍ବନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଶେଷ କାମ ନ ଥିଲେ ଘରୁ ବାରମ୍ବାର ବାହାରନ୍ତୁ ନାହିଁ ଓ କୌଣସି ସ୍ଥାନରେ ଭିଡ ଜମାନ୍ତୁ ନାହିଁ । ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଂକୁ ସୁରକ୍ଷିତ ରଖିବାରେ ସହଯୋଗ କରନ୍ତୁ ।